[2008] 13 S.C.R. 10

ଗୋପୀ କ୍ରିଷ୍ଣା ତ୍ରିବେଦୀ

ବନାମ

ସୁଦାମ ପ୍ରସାଦ ଓଝା

(ଦେୱାନୀ ଅପିଲ ସଂଖ୍ୟା 5414/2008)

ସେପ୍ଟେମ୍ବର 1, 2008

[ଡଃ. ଅରିଜିତ୍ ପାଶାୟତ ଏବଂ ଡଃ. ମୁକୁନ୍ଦକମ୍ ଶର୍ମା, ନ୍ୟାୟମୂର୍ତ୍ତିଦ୍ୱୟ]

*ଷ୍ଟାମ୍ପ ଅଧିନିୟମ, 1899:*

*ଧାରା 2 (14)- "କାରକ" – ଷ୍ଟାମ୍ପ ଶୁଳ୍କ ଦେବା – ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ଚୁକ୍ତିର ନିୟମ ଓ ସର୍ତ୍ତାବଳୀ ଧାରଣ କରୁଥିବା ଦସ୍ତାବିଜ – ଦର୍ଶାଯାଇଛି: ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବରେ କହିଛନ୍ତି ଯେ, ପ୍ରଶ୍ନରେ ଥିବା ଦସ୍ତାବିଜଟି ଏକ ବିକ୍ରୟ ଚୁକ୍ତିନାମା ହୋଇଥିବାରୁ, ଧାରା 2 (14)ରେ ପରିଭାଷିତ ଦସ୍ତାବିଜକୁ ଏକ 'କାରକ' ଭାବରେ ବିବେଚନା କରି ଷ୍ଟାମ୍ପ ଶୁଳ୍କ ଦେବାକୁ ପଡିବ ।*

ଦେୱାନୀ ଅପିଲ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 5414/2008

ସି.ଓ. ସଂଖ୍ୟା 3122/2006ରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କର 6.11.2006 ତାରିଖର ରାୟ ଏବଂ ଅନ୍ତିମ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଆର୍.ସି. ଗୁବ୍ରେଲେ, କେ.ଆର୍. ଗୁପ୍ତା, ବିବେକ ଶର୍ମା, ନାନିତା ଶର୍ମା, ସତବୀର ଏସ୍. ପିଲ୍ଲାନିଆ ଏବଂ ସୁରେଶ କୁମାର ଶର୍ମା ।

ଉତ୍ତରଦାତାଙ୍କ ପାଇଁ ଏସ୍.କେ. ଭଟ୍ଟାଚାର୍ଯ୍ୟ ।

ନ୍ୟାୟାଳୟର ଆଦେଶ **ଡଃ. ଅରିଜିତ୍ ପାସାୟତ, ନ୍ୟାୟମୂର୍ତ୍ତିଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା ।

ପକ୍ଷମାନଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

ଅନୁମତି ପ୍ରଦାନ କରାଗଲା ।

ଉତ୍ତରଦାତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ପୁନଃ ସମୀକ୍ଷା ଆବେଦନକୁ ଅନୁମତି ଦେଇ କଲିକତା ଉଚ୍ଚ ନ୍ୟାୟାଳୟଙ୍କର ବିଜ୍ଞ ଏକକ ବିଚାରପତିଙ୍କ ଦ୍ୱାରା ପାରିତ ଆଦେଶକୁ ଏହି ଅପିଲରେ ଆପତ୍ତି କରାଯାଇଛି । ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଚୁକ୍ତିନାମାର ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ପାଇଁ ଏକ ମକଦ୍ଦମାରେ, ବର୍ତ୍ତମାନର ଉତ୍ତରଦାତା ଏହି ଆଭିମୁଖ୍ୟ ଗ୍ରହଣ କରିଥିଲେ ଯେ, ସେ ଉତ୍ତରଦାତାଙ୍କ ସହିତ, ଅର୍ଥାତ୍ ବର୍ତ୍ତମାନର ଅପିଲକାରୀଙ୍କ ସହିତ 6,01,000/- ଟଙ୍କା ଜରସମନରେ

ମକଦ୍ଦମା ସମ୍ପତ୍ତି କ୍ରୟ ପାଇଁ ଏକ ମୌଖିକ ଚୁକ୍ତିନାମାରେ ପ୍ରବେଶ କରିଥିଲେ । ଚୁକ୍ତିନାମା କାର୍ଯ୍ୟକାରୀ ହେବା ପରେ, 3,51,000/- ଟଙ୍କା ପ୍ରଦାନ କରାଯାଇଥିବା କୁହାଯାଇଥିଲା । ଏହା ପରେ ଆଉ ଏକ 1,11,618/- ଟଙ୍କା ପ୍ରଦାନ କରାଯାଇଥିଲା । ପ୍ରତିବାଦୀ ଜରସମନ ପରିମାଣର ଆଂଶିକ ଦେୟ ଗ୍ରହଣ କରିବାର ସତ୍ୟତାକୁ ସ୍ୱୀକାର କରିଥିଲେ । ଯେତେବେଳେ ମାମଲା ଶୁଣାଣି ପାଇଁ ଆସିଥିଲା, ଉତ୍ତରଦାତା କିଛି ଦସ୍ତାବିଜ ଗ୍ରହଣ କରିବା ପାଇଁ ଆବେଦନ କରିଥିଲେ, ଯଥା ଚୁକ୍ତିନାମାର ନିୟମ ଓ ସର୍ତ୍ତାବଳୀ ଏବଂ କିଛି ଭଡା ରସିଦ ସମ୍ବଳିତ ଦଲିଲ । ଅପିଲକାରୀ ଏହି ଆଭିମୁଖ୍ୟ ଗ୍ରହଣ କରିଥିଲେ ଯେ, ଷ୍ଟାମ୍ପ ଶୁଳ୍କ ପ୍ରଦାନ କରାଯାଇନଥିବାରୁ ଏହି ଦସ୍ତାବିଜଗୁଡ଼ିକ ଗ୍ରହଣ କରାଯାଇପାରିବ ନାହିଁ । ବିଚାର କରୁଥିବା ନ୍ୟାୟାଳୟ ମତ ଦେଇଥିଲେ ଯେ, ଏହି ଦସ୍ତାବିଜ କେବଳ ଏକ ସମ୍ପତ୍ତି ବିକ୍ରୟ ଚୁକ୍ତିନାମାର ନିୟମ ଓ ସର୍ତ୍ତାବଳୀ ଅନ୍ତର୍ଭୁକ୍ତ କରୁଥିବା ଏକ ଚିଠି ବ୍ୟତୀତ ଆଉ କିଛି ନୁହେଁ ଏବଂ ରସିଦଗୁଡ଼ିକ କେବଳ ଟଙ୍କା ଗ୍ରହଣର ସତ୍ୟତାର ସ୍ୱୀକୃତି ଥିଲା । ତଦନୁସାରେ, ବିଚାର କରୁଥିବା ନ୍ୟାୟାଳୟ ଉପରୋକ୍ତ ଦସ୍ତାବିଜଗୁଡ଼ିକୁ ଷ୍ଟାମ୍ପ ଶୁଳ୍କ ଦେବାକୁ ମନା କରିଦେଇଥିଲେ ।

ଏହି ଆଦେଶକୁ ଆପତ୍ତି କରି, ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଏକ ପୁନଃ ସମୀକ୍ଷା ଆବେଦନ ଦାଖଲ କରାଯାଇଥିଲା ।

*ବ୍ରିଜ ମୋହନ ଏବଂ ଅନ୍ୟମାନେ ବନାମ ସୁଗ୍ରା ବେଗମ ଏବଂ ଅନ୍ୟମାନେ* (1990 ( 4) SCC 147) *ମାମଲାରେ* ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଏହି ନ୍ୟାୟାଳୟଙ୍କ ନିଷ୍ପତ୍ତି ଉପରେ ନିର୍ଭର କରି ଯୁକ୍ତି କରାଯାଇଥିଲା ଯେ, ଯେତେବେଳେ ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ଚୁକ୍ତିନାମାର ଗୁରୁତ୍ୱପୂର୍ଣ୍ଣ ଏବଂ ମୌଳିକ ସର୍ତ୍ତାବଳୀ ଏକ ମୌଖିକ ଚୁକ୍ତିନାମା ମାଧ୍ୟମରେ କାର୍ଯ୍ୟକାରୀ ହୁଏ, ସେତେବେଳେ ମୌଖିକ ଚୁକ୍ତିନାମାର ନିୟମ ଓ ସର୍ତ୍ତାବଳୀକୁ ଅନ୍ତର୍ଭୁକ୍ତ କରୁଥିବା ଲିଖିତ ଚୁକ୍ତିନାମାକୁ କେବଳ ଏକ ଆନୁଷ୍ଠାନିକ ଚୁକ୍ତିନାମା ଭାବରେ ବିବେଚନା କରାଯିବ । ଯେହେତୁ ମୌଖିକ ଚୁକ୍ତିନାମାର ନିୟମ ଓ ସର୍ତ୍ତାବଳୀକୁ ଅନ୍ତର୍ଭୁକ୍ତ କରୁଥିବା ଦସ୍ତାବିଜ ମାଧ୍ୟମରେ କୌଣସି ଅଧିକାର କିମ୍ବା ଦାୟିତ୍ୱ ସୃଷ୍ଟି କରାଯାଇ ନାହିଁ, ଏହାକୁ ଏକ କାରକ ମଧ୍ୟ କୁହାଯାଇପାରିବ ନାହିଁ ।

ଉଚ୍ଚ ନ୍ୟାୟାଳୟ, ପ୍ରତିଦ୍ୱନ୍ଦ୍ୱୀ ଉପସ୍ଥାପନଗୁଡ଼ିକୁ ବିଚାର କରିବା ପରେ ଏବଂ ପଶ୍ଚିମବଙ୍ଗରେ କାରକ ଉପରେ ଷ୍ଟାମ୍ପ ଶୁଳ୍କର ଅନୁସୂଚୀ 1-Aର ଉପାଦାନ ସଂଖ୍ୟା 5 ରେ ସଂଲଗ୍ନ ବ୍ୟାଖ୍ୟାର ସନ୍ଦର୍ଭରେ ନିମ୍ନଲିଖିତ ଉପସଂହାରରେ ଉପନୀତ ହୋଇଥିଲେ:

> "ଉକ୍ତ ଚିଠିରେ ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ହୋଇଥିବା ଚୁକ୍ତିର ସମସ୍ତ ନିୟମ ଓ ସର୍ତ୍ତାବଳୀ ରହିଛି । ଆରୋପିତ ମୌଖିକ ଚୁକ୍ତିର ନିୟମ ଓ ସର୍ତ୍ତାବଳୀ କ"ଣ ଥିଲା ତାହା ଜଣା ନାହିଁ । ମୌଖିକ ଚୁକ୍ତିର କାର୍ଯ୍ୟକାରିତା ପରେ ଅଧିକାର ଏବଂ ସ୍ୱାର୍ଥ ସୃଷ୍ଟି କରାଯାଇଥିଲା ବୋଲି ଦର୍ଶାଇବା ପାଇଁ ନଥିରେ କିଛି ନାହିଁ । ଆମେ ଯାହା ପାଇଲୁ ତାହା ହେଉଛି, ଏକ ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଚୁକ୍ତିନାମାର ନିୟମ ଓ ସର୍ତ୍ତାବଳୀକୁ ଅନ୍ତର୍ଭୁକ୍ତ କରୁଥିବା ଦସ୍ତାବିର ଅସ୍ତିତ୍ୱ ଏବଂ ଜରସମନ ପରିମାଣର ପ୍ରାପ୍ତି ସ୍ୱୀକାରର ରସିଦ । ପଶ୍ଚିମବଙ୍ଗରେ ଷ୍ଟାମ୍ପ ଅଧିନିୟମର ସଦ୍ୟ ସଂଶୋଧନ ଅନୁଯାୟୀ, ଏକ ସ୍ଥାବର ସମ୍ପତ୍ତିର ହସ୍ତାନ୍ତର ପାଇଁ ନିୟମ ଓ ସର୍ତ୍ତାବଳୀ ଧାରଣ କରୁଥିବା ରାଜିନାମା ସଠିକ ଭାବରେ ଷ୍ଟାମ୍ପ କରାଯିବା ଆବଶ୍ୟକ । ଯଥେଷ୍ଟ ଷ୍ଟାମ୍ପ ପ୍ରଦାନ କରାଯାଇନଥିବାରୁ, ବିଚାର କରୁଥିବା ନ୍ୟାୟାଳୟ ଏହି ମନ୍ତବ୍ୟ ଦେବା ଠିକ ନୁହେଁ ଯେ, ପ୍ରଶ୍ନରେ ଥିବା ଦସ୍ତାବିଜଗୁଡ଼ିକ ଷ୍ଟାମ୍ପ ଶୁଳ୍କ ପଡ଼ିବ ନାହିଁ । ଯେହେତୁ ଏହା ବିକ୍ରୟ ପାଇଁ ଚୁକ୍ତିନାମା ଅଟେ, ତେଣୁ ସଂଶୋଧିତ ଅନୁସୂଚୀ 1A ଅନୁଯାୟୀ ଷ୍ଟାମ୍ପ ଶୁଳ୍କ ଦେବାକୁ ପଡ଼ିବ । ଅଧିକାର ଏବଂ ଉତ୍ତରଦାୟିତ୍ୱ ସୃଷ୍ଟି

କରାଯାଇଥିବାରୁ କିମ୍ବା ସୃଷ୍ଟି, ହସ୍ତାନ୍ତର ଏବଂ ବିସ୍ତାରିତ କିମ୍ବା ନଥିଭୁକ୍ତ କରାଯାଇଥିବାରୁ, ପ୍ରଶ୍ନରେ ଥିବା ଦସ୍ତାବିଜଗୁଡ଼ିକ ଭାରତୀୟ ଷ୍ଟାମ୍ପ ଅଧିନିୟମର ଧାରା 2 (14)ରେ ପରିଭାଷିତ "କାରକ" ଅର୍ଥ ମଧ୍ୟରେ ଆସିବ ।

ପରିଶେଷରେ, ଉଚ୍ଚ ନ୍ୟାୟାଳୟ କହିଥିଲେ ଯେ, ଅଧିକାର ଏବଂ ଉତ୍ତରଦାୟିତ୍ୱ ସୃଷ୍ଟି କରାଯାଇଥିବାରୁ କିମ୍ବା ହସ୍ତାନ୍ତର କରାଯାଇଥିବାରୁ, ସମ୍ପ୍ରସାରିତ କିମ୍ବା ସୃଷ୍ଟି କରାଯାଇଥିବାରୁ, ପ୍ରଶ୍ନରେ ଥିବା ଦସ୍ତାବିଜଗୁଡ଼ିକ ଭାରତୀୟ ଷ୍ଟାମ୍ପ ଅଧିନିୟମର ଧାରା 2 (14)ରେ ପରିଭାଷିତ "କାରକ"ର ଅର୍ଥ ମଧ୍ୟରେ ଆସିଥାଏ । ତେଣୁ, ପୁନଃ ସମୀକ୍ଷା ଆବେଦନକୁ ଅନୁମତି ଦିଆଯାଇଥିଲା ଏବଂ ଦସ୍ତାବିଜଗୁଡ଼ିକୁ ପ୍ରଦର୍ଶିତ ଭାବରେ ଚିହ୍ନିତ କରାଯିବା ପୂର୍ବରୁ ଦସ୍ତାବିଜଗୁଡ଼ିକୁ ଷ୍ଟାମ୍ପ ଶୁଳ୍କ ଦିଆଯାଇନଥିବା ଯୋଗୁଁ ପଦକ୍ଷେପ ନେବାକୁ ବିଚାର କରୁଥିବା ନ୍ୟାୟାଳୟଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ, ମୂଳତଃ ବିବାଦଟି ଏକ ମୌଖିକ ଚୁକ୍ତିନାମାର ନିୟମ ଏବଂ ସର୍ତ୍ତାବଳୀ ସହିତ ଜଡ଼ିତ ଥିଲା ଏବଂ ତେଣୁ, ଉଚ୍ଚ ନ୍ୟାୟାଳୟ ତାଙ୍କ ଦୃଷ୍ଟିରେ ଯଥାର୍ଥ ନଥିଲେ ।

ଅନ୍ୟପକ୍ଷରେ, ଉତ୍ତରଦାତାଙ୍କ ପାଇଁ ବିଜ୍ଞ ଅଧିବକ୍ତା ଉଚ୍ଚ ନ୍ୟାୟାଳୟଙ୍କର ରାୟକୁ ସମର୍ଥନ କରିଥିଲେ ।

ବ୍ରଜମୋହନଙ୍କ ମାମଲାରେ (ପୂର୍ବୋକ୍ତ) ଯାହା କୁହାଯାଇଛି ତାହା ଦୃଷ୍ଟିରେ ରଖି, ଉଚ୍ଚ ନ୍ୟାୟାଳୟ ଠିକ କହିଥିଲେ ଯେ, ଯେପରି ଅଧିନିୟମର ଧାରା 2 (14) ରେ ନିର୍ଦ୍ଧାରିତ କରାଯାଇଛି, ପ୍ରଶ୍ନରେ ଥିବା ଦସ୍ତାବିଜଗୁଡ଼ିକ ଏକ ବିକ୍ରୟ ଚୁକ୍ତିନାମା ହୋଇଥିବାରୁ ଦସ୍ତାବିଜଗୁଡ଼ିକୁ 'କାରକ' ଭାବରେ ବିବେଚନା କରି ଷ୍ଟାମ୍ପ ଶୁଳ୍କ ଦେବାକୁ ପଡ଼ିବ ।

ଅପିଲଟି ବିଫଳ ହୁଏ ଏବଂ ଖାରଜ ହୋଇଯାଇଛି ।

ଆର୍.ପି. ଅପିଲ ଖାରଜ ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

<u>ଅନୁବାଦକ</u>
ସତ୍ୟରଞ୍ଜନ ସାମଲ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ